

୨୪/୫/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୦୩,୨୧୬/- ସୁନା: ୬୧.୫୦୦ ଗ୍ରାମ୍ ରୁପା: ୧୩.୭୦୦ ଗ୍ରାମ୍



# ବୁଥ୍‌ରେ ପୁଲିଂ ପାର୍ଟି; ଆଜି ମତଦାନ













**ପୁରୀ, ୨୪।୫(ସମିସ)**

ଗଣତନ୍ତ୍ରର ମହାନପର୍ବ ଭୋଟ। ଏହା ମାଧ୍ୟମରେ ନିଜ ମତାଧିକାରୀ ସାବ୍ୟସ୍ତ କରି ଦେଶ ଗଠନରେ ସହାୟକ ହେବାର ଉପଯୁକ୍ତ ସମୟ ପହଞ୍ଚିଯାଇଛି। ଶନିବାର ପୁରୀ ଲୋକସଭା ଏବଂ ଏହା ଅଧୀନ ପୁରୀ ଜିଲ୍ଲାର ୪ଟି ବିଧାନସଭା କ୍ଷେତ୍ରରେ ଭୋଟ ଗ୍ରହଣ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ସୁଦ୍ଧା ସବୁ ବୁଥ୍‌ରେ ପୁଲିଂ ପାର୍ଟି ପହଞ୍ଚି ଯାଇଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରୁ ଇଭିଏମ୍, ଭିଭିପ୍ୟାଟ୍, କାଳି, ଭୋଟର ତାଲିକା, ଲଣ୍ଠନ ଆଦି ସମସ୍ତ ପ୍ରକାର ଆବଶ୍ୟକ ସାମଗ୍ରୀ ସାଥୀରେ ନେଇଯାଇଛନ୍ତି ନିର୍ବାଚନ ପରିଚାଳନାରେ ଥିବା ଅଧିକାରୀ। ଗୁରୁବାର ପୁରୀ ଜିଲ୍ଲାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀକୁ ପୁଲିଂ ପାର୍ଟି ଯାଇଥିବା ବେଳେ ଶୁକ୍ରବାର ପୁରୀ, ପିପିଲି, ସତ୍ୟବାଦୀକୁ ଅଧିକାରୀମାନେ ଯାଇଛନ୍ତି।

ପୁରୀ ଜିଲ୍ଲାରେ ୬ଟି ନିର୍ବାଚନମଣ୍ଡଳୀ (ପିପିଲି, ସତ୍ୟବାଦୀ, ପୁରୀ, ବ୍ରହ୍ମଗିରି, କାକଟପୁର ଓ ନିମାପଡ଼ା) ରହିଛି। ଏଥିମଧ୍ୟରୁ ପୁରୀ ଲୋକସଭା ଅଧୀନରେ ଜିଲ୍ଲାର ୪ଟି (ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ) ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଅନ୍ୟ ଦୁଇଟି (କାକଟପୁର ଓ ନିମାପଡ଼ା) ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ବେଳେ ଆସନ୍ତା ଜୁନ୍ ୧ ତାରିଖରେ ସେଠାରେ ଭୋଟ ହେବ। କିନ୍ତୁ ଶନିବାର ହେବାକୁ ଥିବା ଜିଲ୍ଲାର ୪ଟି ବିଧାନସଭା ଆସନରେ ୧, ୦୩୮ଟି ବୁଥ୍‌ରେ ମୋଟ ୯, ୨୧, ୮୧୪ ଭୋଟର ମତଦାନ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୪, ୭୩, ୧୩୩, ମହିଳା ଭୋଟରଙ୍କ ସଂଖ୍ୟା ୪, ୪୮, ୬୦୮ ଓ ଅନ୍ୟାନ୍ୟ ଭୋଟର ୭୩ ଜଣ ରହିଛନ୍ତି।

ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ ବୁଥ୍‌ରେ ୨, ୪୦, ୦୭୮ ଭୋଟରଙ୍କ ମଧ୍ୟରେ ପୁରୁଷ ୧, ୨୨, ୬୬୦, ମହିଳା ୧, ୧୭, ୩୭୧ ଓ ଅନ୍ୟାନ୍ୟ ୪୭ ଭୋଟର ରହିଛନ୍ତି। ସେହିପରି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ୨୭୧ ବୁଥ୍‌ରେ ମୋଟ ୨, ୨୮, ୮୪୨ ଭୋଟରଙ୍କ ମଧ୍ୟରେ ୧, ୧୭, ୫୦୧ ପୁରୁଷ, ୧, ୧୧, ୩୨୯ ମହିଳା ଓ ୧୨ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ୨୫୪ ବୁଥ୍‌ରେ ମୋଟ ୨, ୧୪, ୯୩୨ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରେ ୧, ୧୦, ୯୦୪ ପୁରୁଷ, ୧, ୦୪, ୦୨୦ ମହିଳା ଓ ୮ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ପିପିଲି ନିର୍ବାଚନ ମଣ୍ଡଳୀରେ ୨୭୪ ବୁଥ୍‌ରେ ମୋଟ ୨, ୩୭, ୯୬୨ ଜଣ ମତଦାତାଙ୍କ ମଧ୍ୟରେ ୧, ୨୨, ୦୬୮ ପୁରୁଷ, ୧, ୧୫, ୮୮୮ ମହିଳା ଓ ୬ ଜଣ ଅନ୍ୟାନ୍ୟ ମତଦାତା ମତଦାନ ଅଧିକାର ସାବ୍ୟସ୍ତ କରିବେ।

ପ୍ରତ୍ୟେକ ବୁଥ୍‌ରେ ୫ ଜଣ ଲେଖାଏଁ ମୋଟ ୫, ୧୯୦ ଜଣ ପୁଲିଂ ଅଧିକାରୀ ଓ ଜଣେ ଲେଖାଏଁ ହିସାବରେ ମୋଟ ୧, ୦୩୮ ପ୍ରିଜାଇଡିଂ ଅଫିସର ଏହିପରି ମୋଟ ୬, ୨୨୮ ଅଧିକାରୀଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଉତ୍ତେଜନାପ୍ରବଣ ବୁଥ୍‌ଗୁଡ଼ିକ ଉପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ବେଳେ ଏହା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। କୌଣସି ପରିସ୍ଥିତିରେ ଇଭିଏମ୍ ଖରାପ ହେଲେ ବା ମେସିନରେ କୌଣସି ପ୍ରକାର ତ୍ରୁଟି ହେଲେ ତାହାକୁ ତୁରନ୍ତ ମରାମତି କରିବା ଏବଂ ଆବଶ୍ୟକ ପଡ଼ିଲେ ବଦଳାଇବାକୁ ମଧ୍ୟ ତ୍ୱରିତ୍ୱ ବ୍ୟବସ୍ଥା କରାଯାଇଛି।

ଇତିମଧ୍ୟରେ ପ୍ରିଜାଇଡିଂ ଓ ପୁଲିଂ ଅଫିସରମାନଙ୍କୁ ଭୋଟ ପାଇଁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇ ମତଦାନ କେନ୍ଦ୍ରକୁ ପଠାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଡିସ୍‌ପରସାଲ କେନ୍ଦ୍ର ହୋଇଥିବାବେଳେ ପୁରୀ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ଡିସ୍‌ପରସାଲ କେନ୍ଦ୍ର କରାଯାଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ, ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲା ପରିଷଦର ସିଡିଓ ତଥା ଇଓ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର, ପର୍ଯ୍ୟବେକ୍ଷକମାନେ ରହି ସମସ୍ତ କାର୍ଯ୍ୟର ପର୍ଯ୍ୟାଲୋଚନା ଓ ତଦାରଖ ଜାରି ରଖିଛନ୍ତି। ଏସ୍‌ପି ପିନାକ ମିଶ୍ର ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ନିର୍ବାଚନ ଗଣତନ୍ତ୍ରର ମହାପର୍ବ। ତେଣୁ ଏଥିରେ ସାମିଲ ହୋଇ ସମସ୍ତ ମତଦାତା ମତଦାନ କରିବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

- ୧,୦୩୮ ବୁଥ୍‌ରେ ମତଦାନ କରିବେ ୯,୨୧,୮୧୪ ଭୋଟର
- ପୁରୁଷ ଭୋଟର ୪,୭୩, ୧୩୩ ଓ ମହିଳା ଭୋଟର ୪,୪୮,୬୦୮
- ବୁଥ୍‌କୁ ଗଲେ ୫,୧୯୦ ପୁଲିଂ ଓ ୧,୦୩୮ ପ୍ରିଜାଇଡିଂ ଅଧିକାରୀ

## ମତଦାତା, ମତଦାନ କେନ୍ଦ୍ର ଓ ପୁଲିଂ ପାର୍ଟି ପ୍ରସ୍ତୁତ

**ପୁରୀ, ୨୪।୫(ସମିସ):** ଓଡ଼ିଶାର ତୃତୀୟ ଓ ପୁରୀର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ପ୍ରଥମ ପର୍ଯ୍ୟାୟରେ ୪ଟି ନିର୍ବାଚନ ମଣ୍ଡଳୀ (ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି)ରେ ଶନିବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗୁରୁବାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ପୁଲିଂ ପାର୍ଟି ବୁଥ୍‌ରେ ପହଞ୍ଚିଯାଇଥିବା ବେଳେ ଶୁକ୍ରବାର ପୁରୀ, ସତ୍ୟବାଦୀ ଓ ପିପିଲି ନିର୍ବାଚନ ମଣ୍ଡଳୀର ପୁଲିଂ ପାର୍ଟିକୁ ପଠାଯାଇଥିଲା। ସମସ୍ତେ ନିଜ ନିଜ ବୁଥ୍‌ରେ ପହଞ୍ଚିଥିବା ଜଣାପଡ଼ିଛି।

ଜିଲ୍ଲାର ମୋଟ ୧୪, ୧୩, ୫୧୨ ଭୋଟରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଉପରୋକ୍ତ ୪ ଟି ନିର୍ବାଚନ ମଣ୍ଡଳୀରେ ୯, ୨୧, ୮୧୪ ଭୋଟର ୧, ୦୩୮ ବୁଥ୍‌ରେ ମତଦାନ କରିବେ। ଏଥିମଧ୍ୟରେ ୧୮ ରୁ ୧୯ ବର୍ଷ ବୟସର ୧୯ ୯୫୪, ୨୦ରୁ ୨୯ ବର୍ଷ ବୟସର ୧, ୭୨, ୦୦୬, ୩୦ରୁ ୩୯ ବର୍ଷ ବୟସର ୧, ୯୧, ୫୮୩, ୪୦ରୁ ୪୯ ବର୍ଷ ବୟସର ୨, ୦୬, ୮୯୯, ୫୦ରୁ ୫୯ ବର୍ଷ ବୟସର ୧, ୫୦, ୪୩୪, ୬୦ରୁ ୬୯ ବର୍ଷ ବୟସର ୧, ୦୦, ୮୩୪, ୭୦ରୁ ୭୯ ବର୍ଷ ବୟସର ୫୪, ୫୨୪, ୮୦ରୁ ୮୯ ବର୍ଷ ବୟସର ୨୦, ୭୦୨, ୯୦ରୁ ୯୯ ବର୍ଷ ବୟସର ୪, ୫୧୧, ୧୦୦ରୁ ୧୦୯ ବର୍ଷ ବୟସର ୩୨୦, ୧୧୦ରୁ ୧୧୯ ବର୍ଷ ବୟସର ୪୪ ଓ ୧୨୦ ବର୍ଷରୁ ଊର୍ଦ୍ଧ୍ୱ ୩ ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟରେ ୧୪ଟି ଭଲନରେବଲ ବୁଥ୍ ଥିବାବେଳେ ୧୪୦ କ୍ରିଟିକାଲ ବୁଥ୍ ରହିଛି। ଏଗୁଡ଼ିକ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୮ ଜଣ ମାଇକ୍ରୋ ଅବ୍‌ଜରଭରଙ୍କୁ ନିଯୁକ୍ତି ଦିଆଯାଇଛି। ରିଜର୍ଭ ସହ ମୋଟ ୧, ୨୪୬ ପ୍ରିଜାଇଡିଂ ଅଫିସର ଓ ୧, ୨୪୬ ଜଣ ଲେଖାଏଁ ପ୍ରଥମଠାରୁ ପଞ୍ଚମ ପୁଲିଂ ପର୍ଯ୍ୟନ୍ତ ପୁଲିଂ ଅଫିସରଙ୍କୁ ପ୍ରେରଣ କରାଯାଇଛି। ୧୭୦ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍, ୪ଟି ଦିବ୍ୟାଙ୍ଗ ପୁଲିଂ ଅଫିସରଙ୍କ ଦ୍ୱାରା ପରିଚାଳିତ ବୁଥ୍, ୯ଟି ଯୁବ ପୁଲିଂ ଅଫିସରମାନଙ୍କ ଦ୍ୱାରା ପରିଚାଳିତ ବୁଥ୍, ୬ଟି ଇକୋ ଫ୍ରେଣ୍ଡଲି ବୁଥ୍ ଓ ଅନ୍ୟ ୭ଟି ଥିମ୍ ବେଶ୍ ବୁଥ୍ କରାଯାଇଛି।

୧, ୦୩୮ ବୁଥ୍ ମଧ୍ୟରୁ ୬୨୩ରେ ୱେବ କାଷ୍ଟିଂ କରାଯିବ। ସୁରକ୍ଷା ପାଇଁ ୧୧ କମ୍ପାନୀ ସିଏପିଏଫ ନିଯୁକ୍ତ ହୋଇଛନ୍ତି ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ୩, ୨୨୧ ଜଣ ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟଦାନ କରିଥିବା ବେଳେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୨୨୦ ଜଣ ଓ ୭୮ ଜଣ ଦିବ୍ୟାଙ୍ଗ ସେମାନଙ୍କ ଘରେ ମତଦାନ କରିଛନ୍ତି। ବିଭିନ୍ନ ପ୍ରକାରର ୬୬୭ଟି ଗାଡ଼ି ପୁଲିଂ ପାର୍ଟିର ଯାତାୟାତରେ ନିୟୋଜିତ ହୋଇଛି। ସମ୍ଭାବ୍ୟ ବର୍ଷା, କାଳବୈଶାଖୀକୁ ଦୃଷ୍ଟିରେ ରଖି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ନିର୍ବାଚନ ଗଣତନ୍ତ୍ରର ମହାପର୍ବ ହୋଇଥିବାରୁ ସମସ୍ତ ଭୋଟର ନିଶ୍ଚିତ ମତଦାନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

- ୧୪୦ ସମ୍ବେଦନଶୀଳ ବୁଥ୍‌ରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା
- ୧,୦୩୮ ବୁଥ୍ ମଧ୍ୟରୁ ୬୨୩ଟିରେ ହେବ ୱେବ୍ କାଷ୍ଟିଂ
- ୧୭୦ ସଖୀ, ୬ଟି ଇକୋ ଫ୍ରେଣ୍ଡଲି, ୭ଟି ଥିମ୍-ବେସ୍ ବୁଥ୍

## ଦେବର୍ଷି ନାରଦ ଥିଲେ ପ୍ରାଚୀନ ଗଣଯୋଗାଯୋଗର ବାହକ

**ପୁରୀ, ୨୪।୫(ସମିସ):** ଦେବର୍ଷି ନାରଦ ଥିଲେ ସର୍ବ ପ୍ରାଚୀନ ଗଣ ଯୋଗାଯୋଗର ବାହକ। ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକ ଭାବ ଜାଗରଣ ସହିତ ଅସତ୍ୟର ମୂଳୋତ୍ପାଟନ ପାଇଁ ତାଙ୍କର ଯୋଗଦାନ ସର୍ବାଦୌ ଗ୍ରହଣୀୟ। ବାସ୍ତବରେ ପୌରାଣିକ ଯୁଗରୁ ଆଜି ପର୍ଯ୍ୟନ୍ତ ନାରଦଙ୍କ ବାଣୀ ଓ ଆଦର୍ଶ ସମସ୍ତଙ୍କ ଅନୁକରଣୀୟ। ପୁରୀ ଓଡ଼ିଶୀ ସଙ୍ଗୀତ ପରିଷଦ ପରିସରରେ ଦି ମିଡିଆ କର୍ତ୍ତବ୍ୟରତ ସାମ୍ବାଦିକ, ଲେଖକ ଓ ସ୍ତମ୍ଭକାର ଫୋରାମ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ରରେ ଏହା ମତପ୍ରକାଶ ପାଇଥିଲା। ଏହାକୁ ପ୍ରାକ୍ତନ ବରିଷ୍ଠ ପ୍ରଶାସକ ବିନୋଦ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଦୟାନିଧି ତ୍ରିପାଠୀ, ସାହିତ୍ୟିକ ପ୍ରତିଭା ତ୍ରିପାଠୀ, ବୈଦ୍ୟରତ୍ନ ଏ. ନାରାୟଣ ଆଚାରୀ, ପୂର୍ବତନ ବ୍ୟାଙ୍କ ଅଧିକାରୀ କୈଳାଶ ଚନ୍ଦ୍ର ସାହୁ, ପୂର୍ବତନ ଅଧ୍ୟକ୍ଷ ଅଭିମନ୍ୟୁ ଭୂଇଁ, ଅରେଞ୍ଜ ଫାଉଣ୍ଡେସନ ସମ୍ପାଦକ ଏ. ଜଗନ୍ନାଥ ଆଚାରୀ, ଶିକ୍ଷାବିତ୍ ସଦାଶିବ ମିଶ୍ର, ପ୍ରାଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଦାସ, ନାରାୟଣ ନନ୍ଦ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଅଧ୍ୟାପିକା ସୁଚିସ୍ମିତା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନିଜ ନିଜର ଭାବ ବ୍ୟକ୍ତ କରିଥିଲେ। ଦି ମିଡିଆର ଅଧ୍ୟକ୍ଷ ସାମ୍ବାଦିକ ସରୋଜ ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ସଭାପତି ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସଭାପତିତ୍ୱ କରି ଦେବର୍ଷି ନାରଦଙ୍କ ଜୟନ୍ତୀକୁ ଭାରତ ସରକାର ଜାତୀୟ ସାମ୍ବାଦିକ ଦିବସ ଭାବେ ପାଳନ କରିବାକୁ ଦାବି କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ସାମ୍ବାଦିକ ଅଶୋକ କୁମାର ମିଶ୍ର, ସଞ୍ଜୟ କୁମାର ଅଗ୍ରୱାଲ, ଜୁପିଟର ଦାସ, ନୃସିଂହ ମହାନ୍ତି, ବେଣୁଧର ପାତ୍ର ଓ ତପନ ସେଠୀ। ଗୁରୁ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ରଥଖଳାରେ ତିଆରି ଚାଲିଛି ତିନି ରଥ...

### ରେଳ ଲାଇନ୍‌ରେ ବସି ଡକାୟତି ଯୋଜନା

## ୫ ଗିରଫ; ମାରଣାସ୍ତ୍ର ଜବତ

**ପୁରୀ, ୨୪।୫(ସମିସ)**

ପୁରୀ ରେଳ ଷ୍ଟେସନ ଟ୍ରେନ ଲାଇନରେ ବସି ଡକାୟତି ଯୋଜନା ମହଙ୍ଗା ପଡ଼ିଛି। ଆର୍‌ପିଏଫ୍ ଏବଂ ଜିଆର୍‌ପି ଥାନା ପୁଲିସ ଅଚାନକ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରି ପଣସପଦାର ସଲାମତ ଖାଁ(୨୦), ପଶ୍ଚିମବଙ୍ଗ ଆସନଶୋଲ ଜିଲ୍ଲାର ବିଜୟ ସିଂ (୨୮), ତିଲକ ସିଂ (୨୬), ଗଞ୍ଜାମ ଜିଲ୍ଲା ପାତ୍ରପୁର ଅଞ୍ଚଳର ତୋଫାନ ରେଡ୍ଡୀ (୨୬), ଭୁବନେଶ୍ୱର ରାମେଶ୍ୱର ପାଟଣାର ଥାପା ଶତପଥୀ (୨୪)। ପୁଲିସ ସୂଚନା ଅନୁଯାୟୀ, ବର୍ତ୍ତମାନ ନିର୍ବାଚନ ସମୟ ଚାଲିଥିବାରୁ ଆର୍‌ପିଏଫ୍ ଏବଂ ଜିଆର୍‌ପି ଷ୍ଟେସନରେ ଯେପରି କୌଣସି ପ୍ରକାର ଅପରାଧମୂଳକ ଘଟଣା ନ ଘଟିବ ତା' ଉପରେ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଗୁରୁବାର ରାତିରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଥାନା ପୁଲିସ ମିଳିତ ଭାବେ ଷ୍ଟେସନ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧୦ଟା ସମୟରେ ଷ୍ଟେସନ ନିକଟ ରେଳ ଲାଇନ ଉପରେ କିଛି ଯୁବକ ବସି ମୋବାଇଲ ଟର୍ଚ୍ଚ ମାରି ଧୀରେ ଧୀରେ କଥା ହେଉଥିଲେ। ପାଟ୍ରୋଲିଂ କରୁଥିବା କର୍ମଚାରୀ ସେମାନଙ୍କ ପାଖାପାଖି ଯିବାରୁ ଆଜମେର ଟ୍ରେନରେ ଡକାୟତି ପାଇଁ ଯୋଜନା କରୁଥିବା ଶୁଣିବାକୁ ପାଇଥିଲେ। ସେଠାରେ ଚଢ଼ଉ କରି ଉପରୋକ୍ତ ୫ ଜଣଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ୨ଟି ଛୁରି, ୫ ପ୍ୟାକେଟ ଲଙ୍କା ପାଉଡର, ୫ଟି ମାସ୍କ, ୫ଟି ଟ୍ରେନ ଟିକେଟ (ପୁରୀରୁ ଖୋର୍ଦ୍ଧା ରୋଡ ଜଙ୍କସନ), ୯ଟି ମୋବାଇଲ ଫୋନ, ମ୍ୟାପ୍, ଡିଆସିଲ, ୩ଟି ଆସ୍କା ଫର୍ଟ ବୋତଲ, ୫ଟି ଅଧାପୋଡ଼ା ସିଗାରେଟ୍ ଜବତ କରିଥିଲେ। ସେମାନେ ଜେରା ବେଳେ ଟ୍ରେନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୩୭/୨୪) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ସତ୍ୟବାଦୀରେ ମତଦାନ କେନ୍ଦ୍ର ପ୍ରସ୍ତୁତ



**ସାକ୍ଷୀଗୋପାଳ,୨୪।୫(ସମିସ):** ସତ୍ୟବାଦୀ ବ୍ଲକର ୨୪ଟି ଗ୍ରାମ ପଞ୍ଚାୟତରେ ୧୧୨ଟି ବୁଥ୍ କରାଯାଇଛି। ସେଥି୍ ମଧ୍ୟରୁ ୨୫ଟି ପିଙ୍କ ବୁଥ୍ ରହିଛି। ଏହି ବୁଥରେ ସମସ୍ତ ପୁଲିଂ ଅଫିସରମାନେ ମହିଳା ରହିଛନ୍ତି। ଏହି ଅବସରରେ ପୁରୀରୁ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ଦସ୍ତାବିଜ ସହିତ ଇଭିଏମ ଓ ଭିଭିପାଟ ମେସିନ ଧରି ପୁଲିଂ ପାର୍ଟି ମାନେ ନିଜ ନିଜ ବୁଥ୍‌ରେ ପହଞ୍ଚିଛନ୍ତି। ସେଠାରେ ବିଏଲଓ, ସୁପରଭାଇଜରମାନେ ସେମାନଙ୍କୁ ସହଯୋଗ କରିବା ସହ ସେମାନଙ୍କର ରହିବା, ପାନୀୟ ଜଳ, ଖାଦ୍ୟର ସୁବନ୍ଦୋବସ୍ତ କରିବା ସହିତ ସମସ୍ତ ପ୍ରକାରର ସହଯୋଗ କରିଥି୍‌ବା ଜଣାପଡ଼ିଛି।

● ଟିକାକରଣ ବନ୍ଦ

# ଗୋ-ଚାଷୀଙ୍କ ଚିନ୍ତା ବଢ଼ାଉଛି ଥାଇଲେରିଆ

ଭୁବନେଶ୍ୱର,୨୪।୫(ସମିସ): ରାଜ୍ୟରେ ତିନିରୁ ଚାରି ବର୍ଷ ପୂର୍ବେ ପଶୁ ଚିକିତ୍ସାଳୟଗୁଡ଼ିକରେ ଥାଇଲେରିଆ ରୋଗ ନିରାକରଣ ପାଇଁ ବ୍ୟାପକ ଟିକାକରଣ କରାଯାଉଥି୍‌ଲା। ଫଳରେ ଗୋରୁଙ୍କ ଠାରେ ଦେଖାଯାଉଥି୍‌ବା ଥାଇଲେରିଆ ରୋଗ ଏକପ୍ରକାର ନିୟନ୍ତ୍ରିତ ହୋଇ ରହିଥି୍‌ଲା। ହାଇଦରାବାଦସ୍ଥିତ ଇଣ୍ଡିଆନ୍ ଇମ୍ୟୁନୋଲୋଜିକାଲସ୍ ଲିମିଟେଡ୍ ଏହି ଟିକାକୁ ପ୍ରସ୍ତୁତ କରିଥି୍‌ଲା। ଡ୍ରଗ୍ କଣ୍ଟ୍ରୋଲ ଜେନେରାଲ ଅଫ୍ ଇଣ୍ଡିଆ ଏବଂ ଟିକା ପ୍ରସ୍ତୁତକାରୀ କମ୍ପାନୀ ମଧ୍ୟରେ ଏହି ଟିକାକୁ ନେଇ ଏକ ବିବାଦ ଆରମ୍ଭ ହେଲା। ଫଳରେ ଥାଇଲେରିଆ ଟିକାର ଉତ୍ପାଦନ ହେଲା ନାହିଁ। ରାଜ୍ୟ ସରକାରଙ୍କୁ ଆଉ ଟିକା ମିଳିଲା ନାହିଁ। ସେପଟେ ଟିକାକରଣ ବନ୍ଦ ହେବାରୁ ରାଜ୍ୟରେ ଥାଇଲେରିଆ ରୋଗ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହା ଉଭୟ ଚାଷୀ ଏବଂ ପଶୁ ଚିକିତ୍ସକଙ୍କ ଚିନ୍ତା ବଢ଼ାଉଛି।

ମିଳିଥି୍‌ବା ସୂଚନା ମୁତାବକ, ଫୁଲନଖରାସ୍ଥିତ ପଶୁ ରୋଗ ଗବେଷଣା ଅନୁଷ୍ଠାନ ଏବଂ ପ୍ରଶିକ୍ଷଣ କେନ୍ଦ୍ରକୁ ପ୍ରତ୍ୟେକ ମାସରେ ବହୁ ସଂଖ୍ୟାରେ ନମୁନା ରାଜ୍ୟର ବିଭିନ୍ନ ସ୍ଥାନରୁ ପରୀକ୍ଷା ପାଇଁ ଆସୁଛି। ଗତ ଏପ୍ରିଲ ମାସରେ କେବଳ ୨ହଜାର ପାଥୋଲୋଜିକାଲ ନମୁନା ଏଠାରେ ପରୀକ୍ଷା କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳ ହୋଇଥି୍‌ବାରୁ ଏଠାରେ ଗୋରୁଙ୍କ ସଂଖ୍ୟା କମ୍। ଏହାସତ୍ତ୍ୱେ ପ୍ରତ୍ୟେକ ମାସରେ ୫୦ରୁ ୬୦ ଗୋରୁଙ୍କ ଠାରେ ଥାଇଲେରିଆ ରୋଗ ଚିହ୍ନଟ କରାଯାଉଛି। ଗ୍ରାମାଞ୍ଚଳରେ ଏହାର ସଂଖ୍ୟା ବହୁ ଅଧି୍‌କ ବୋଲି ପଶୁ ଚିକିତ୍ସକମାନେ କହିଛନ୍ତି।

ପାରାସାଇଟ୍ ଯୋଗୁଁ ଥାଇଲେରିଆ ରୋଗ ହୋଇଥାଏ। ଗୋରୁଙ୍କ ଠାରେ ଦେଖାଦେଉଥି୍‌ବା ଟିଙ୍କ ଦ୍ୱାରା ଏହି ପାରାସାଇଟ୍ ଗୋରୁଙ୍କ ଶରୀରରେ ପ୍ରବେଶ କରେ। ପରେ ଏହା ସିଧାସଳଖ ରକ୍ତକଣିକା(ଆର୍‌ବିସି)କୁ କ୍ଷତି ପହଞ୍ଚାଇଥାଏ। ଫଳରେ ଗୋରୁଙ୍କୁ ଜ୍ୱର ହେବା ସହ ସ୍ୱାସ୍ଥ୍ୟ ଦୁର୍ବଳ ହୋଇଯାଏ। ଆଣ୍ଠୁଗଣ୍ଠି ବିନ୍ଧା ହୋଇଥାଏ। ଦୁଗ୍ଧ ଉତ୍ପାଦନ କ୍ଷମତା କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯିବାରୁ ଏହି ରୋଗରେ ଆକ୍ରାନ୍ତ ହୋଇଥି୍‌ବା ଗୋରୁ ପରବର୍ତ୍ତୀ ସମୟରେ ବିଭିନ୍ନ ରୋଗରେ ପଡ଼ି ମୃତ୍ୟୁବରଣ କରିଥାଆନ୍ତି। ତେବେ ଉଚିତ୍ ସମୟରେ ରୋଗର ଚିହ୍ନଟ କରାଯାଇ ପାରିଲେ ଏହାର ଚିକିତ୍ସା ବ୍ୟବସ୍ଥା ରହିଛି, ଯାହା ଦ୍ୱାରା ରୋଗ ଭଲ ହୋଇପାରିବ।

ସେପଟେ ଟିକାକରଣ ବନ୍ଦ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଗଲା। ଏହି ବ୍ୟବସ୍ଥା ଅନୁଯାୟୀ ଟିଙ୍କ ମାରିବା ଉପରେ ଗୁରୁତ୍ୱ ଦିଆଗଲା। ଗୋରୁଙ୍କ ଦେହରେ ଟିଙ୍କ ମରା ଔଷଧ ଲଗାଇବାକୁ ପଶୁପାଳକଙ୍କୁ ସୁପାରିଶ କରାଯାଉଛି। ଏହା ସତ୍ତ୍ୱେ ମଧ୍ୟ ଥାଇଲେରିଆ ରୋଗ ଧୀରେ ଧୀରେ ବଢ଼ିବାରେ ଲାଗିଛି। ପ୍ରତିଷେଧକ ବ୍ୟବସ୍ଥା ସହ ଟିକାକରଣ ଆରମ୍ଭ ହେଲେ ଥାଇଲେରିଆକୁ ମୁକାବିଲା କରିବା ଅଧି୍‌କ ଫଳପ୍ରଦ ହେବ ବୋଲି ପଶୁ ଚିକିତ୍ସକମାନେ ମତ ଦେଇଛନ୍ତି।

# ଚାନ୍ଦୁଆରେ ସଜେଇ ହୋଇଛି ଆଦର୍ଶ ବୁଥ୍

**ପିପିଲି,୨୪।୫(ସମିସ):** ପୁରୀ ସଂସଦୀୟ କ୍ଷେତ୍ର ପାଇଁ ଶନିବାର ଭୋଟ ଗ୍ରହଣ କରାଯିବ। ସମସ୍ତ ବିଧାନସଭା କ୍ଷେତ୍ରରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶମତେ ସଜେଇ ହେବାରେ ଲାଗିଛି ସମସ୍ତ ମତଦାନ କେନ୍ଦ୍ର। ପ୍ରିଜାଇଡ଼ିଂ ଅଫିସରଙ୍କ ଠାରୁ ଆରମ୍ଭ କରି ସୁରକ୍ଷା ଅଧି୍‌କାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ମୁତୟନ ହୋଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ଭୋଟରମାନେ ପାଞ୍ଚ ବର୍ଷ ପାଇଁ ସେମାନଙ୍କ ମନ ପସନ୍ଦର ପ୍ରାର୍ଥୀଙ୍କୁ ବାଛିବେ। ପିପିଲି ବିଧାନସଭା

## ନୂଆ ଭୋଟରଙ୍କୁ ଆକୃଷ୍ଟ କରୁଛି ସେଲ୍‌ଫି ପଏଣ୍ଟ

କ୍ଷେତ୍ରର ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁର ପଞ୍ଚାୟତରେ ଆଦର୍ଶ ମତଦାନ କେନ୍ଦ୍ର ଭାବରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦାଣ୍ଡମୁକୁନ୍ଦପୁରକୁ ମନୋନୀତ କରାଯାଇଛି। ଏହି ସ୍କୁଲରେ ଦୁଇଟି ବୁଥ୍ କରାଯାଇଛି ୨୧୨ ଏବଂ ୨୧୩। ୨୧୨ ନମ୍ବର ବୁଥ୍‌ରେ ମୋଟ ଭୋଟର ସଂଖ୍ୟା ୧୦୫୮ ରହିଥି୍‌ବାବେଳେ ସେଥି୍‌ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୫୩୭ ମହିଳାଙ୍କ ସଂଖ୍ୟା ୫୨୧ ରହିଛି। ଚଳିତ ବର୍ଷ ନୂଆ ଭୋଟରଙ୍କ ସଂଖ୍ୟା ୫୮ ହୋଇଥି୍‌ବାବେଳେ ସେଥି୍‌ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୧୯ ଓ ମହିଳାଙ୍କ ସଂଖ୍ୟା ୩୯ ରହିଛି।




ସେହିପରି ୨୧୩ ନମ୍ବର ବୁଥ୍‌ରେ ମୋଟ ଭୋଟର ସଂଖ୍ୟା ୫୭୨ ରହିଥି୍‌ବାବେଳେ ସେଥି୍‌ମଧ୍ୟର ପୁରୁଷଙ୍କ ସଂଖ୍ୟା ୨୯୮ ଓ ମହିଳାଙ୍କ ସଂଖ୍ୟା ୨୭୪। ଚଳିତ ନିର୍ବାଚନରେ ନୂଆ ଭୋଟରଙ୍କ ସଂଖ୍ୟା ୩୬। ସେଥି୍‌ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୧୪ ଓ ମହିଳାଙ୍କ ସଂଖ୍ୟା ୨୨। ପ୍ରତି ବୁଥ୍‌ରେ ଜଣେ ମହିଳା ପ୍ରିଜାଇଡ଼ିଂ ଅଫିସର, ୫ ଜଣ ମହିଳା ପୋଲିଂ ଅଫିସରଙ୍କ ସମେତ ଜଣେ ମହିଳା ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି। ଏହି ବୁଥ୍ କେନ୍ଦ୍ରକୁ ଚାନ୍ଦୁଆରେ ସଜା ଯାଇଛି। ଚାନ୍ଦୁଆରେ ତିଆରି ହୋଇଥି୍‌ବା ଛତି ତ୍ରାସ ସାଙ୍ଗକୁ ଚାନ୍ଦୁଆ ଛତାକୁ ସ୍କୁଲ ପରିସରରେ ପ୍ରତ୍ୟେକ ସ୍ଥାନରେ ଲଗାଯାଇଛି। ପ୍ରବେଶ ପଥକୁ ଚାନ୍ଦୁଆରେ ଆଚ୍ଛାଦିତ କରାଯିବା ସହିତ ଭଲ ଭାବରେ ଚାନ୍ଦୁଆରେ ପରିପୂର୍ଣ୍ଣ କରାଯାଇଛି। ବୁଥ ପରିସରରେ ନୂତନ ଭୋଟର ହୁଅନ୍ତୁ ଅବା ସମସ୍ତ ଭୋଟର ଭୋଟଦାନ ପରେ ସେଲ୍‌ଫି ପଏଣ୍ଟ ଚାନ୍ଦୁଆରେ ନିର୍ମାଣ କରାଯାଇଛି। ଫଳରେ ଏକ ସୁନ୍ଦର ପରିବେଶ ସୃଷ୍ଟି କରିପାରିଛି ଏହି ଆଦର୍ଶ ମତଦାନ କେନ୍ଦ୍ର। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଚାନ୍ଦୁଆରେ ତିଆରି ହୋଇଥି୍‌ବା ଏହି ପରିବେଶ ସେମାନଙ୍କ ମନକୁ ଭୋଟ ଦାନ ପ୍ରତି ଅଧି୍‌କରୁ ଅଧି୍‌କ ଆକୃଷ୍ଟ କରିପାରିବ। ଭୋଟରଙ୍କ ପାଇଁ ପାନୀୟ ଜଳ ଯୋଗାଇବା ପାଇଁ ମାଟି ପାତ୍ର ରଖାଯାଇଛି। ଯେଉଁ ମହିଳା ଭୋଟର ସେମାନଙ୍କ ଛୋଟ ପିଲାମାନଙ୍କୁ ମତଦାନ କେନ୍ଦ୍ରକୁ ସାଥୀରେ ନେଇକି ଆସିବେ ସେମାନଙ୍କ ପିଲାମାନଙ୍କ ଖେଳିବା ଏବଂ ବିଶ୍ରାମ ପାଇଁ ଏକ ପ୍ରକୋଷ୍ଠ ନିର୍ମାଣ କରାଯାଇଛି। ଏହି ବୁଥ୍ ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥି୍‌ବାବେଳେ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟ ସମ୍ପନ୍ନ ହୋଇଛି।

# ନୂଆପାଟଣାରେ ମେଳଣ ଉତ୍ସବ



**ନୟାହାଟ,୨୪।୫(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ନୂଆ ପାଟଣାଠାରେ ଅନନ୍ତ ବଟ ଠାକୁରଙ୍କ ବାର ଗାଦି ମେଳଣ ୨ ଶହବର୍ଷରେ ପଦାର୍ପଣ କରିଛି। ଶୁକ୍ରବାର ବାର ଗାଦି ଦୋଳ ମେଳଣ ପଡ଼ିଆଠାରେ ବାଜା ବଜାଇ, ବାଣ ଫୁଟାଇ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଦୋଳ ଆସି ମେଳଣ ପଡ଼ିଆରେ ପହଞ୍ଚିଥି୍‌ଲେ। ଏହି ମେଳଣରେ ସକାଳୁ ଠାକୁରଙ୍କୁ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯାଇଥି୍‌ଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ସଂପନ୍ନ ହୋଇଥି୍‌ଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥି୍‌ଲା। ଏହି ବାରଗାଦି ମେଳଣ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥି୍‌ଲେ। ବାର ଗାଦି ମେଳଣରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଠାକୁରଙ୍କୁ ଦର୍ଶନ କରିବା ସହ ଯାତ୍ରା ଦେଖି୍‌ଥି୍‌ଲେ। ଏହିଠାରେ ଚାରିଦିନ ଧରି ଯାତ୍ରା ଅନୁଷ୍ଠିତ ହେବ।

# ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ବାର୍ଷିକ ଉତ୍ସବ

**ପୁରୀ,୨୪।୫(ସମିସ):** ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକଙ୍କ ତତ୍ତ୍ୱାବଧାନରେ ମୁକ୍ତାକାଶ ରଙ୍ଗମଞ୍ଚରେ ଗୁରୁବାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବ ଭାରତୀୟ ସ୍ତରରେ ଟାଏକୋଣ୍ଡୋ କ୍ରୀଡ଼ାରେ ବୁଦ୍ଧିଷ୍ଟ ଏକାଡେମୀର କ୍ରୀଡ଼ାବିତ୍‌ମାନେ ସୁନାମ ଅର୍ଜନ କରିଥି୍‌ବା ଥି୍‌ବା ଯୋଗୁ ସମସ୍ତ ଜାତୀୟ ପଦକ ବିଜେତା, ଜାତୀୟ ରେଫରୀ ଓ ବ୍ଲାକ୍ ବେଲ୍ଟ ପାଇଥି୍‌ବା କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ, ସମ୍ମାନ ଓ ସମ୍ବର୍ଦ୍ଧନା ଜଣେଇବା ଲକ୍ଷ୍ୟରେ ଏହି ଉତ୍ସବ ଆୟୋଜନ କରାଯାଇଥି୍‌ଲା। ଏଥି୍‌ରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟଅତିଥି୍ ଭାବେ ଯୋଗ ଦେଇଥି୍‌ବା ବେଳେ ଅନ୍ତର୍ଜାତୀୟ ଗୁରୁ ତଥା ଓଡ଼ିଶା ଟାଏକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ରାଜ୍ୟ ସଂଘ ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦ, ପୂର୍ବତନ କୁସ୍ତି କ୍ରୀଡ଼ାବିତ୍ ଭଗବାନ ସୂପକାର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଓ କ୍ରୀଡ଼ାପ୍ରେମୀ ଭାରତୀ ନାୟକ ସମ୍ମାନିତ ଅତିଥି୍ ଭାବେ ଯୋଗ ଦେଇଥି୍‌ଲେ।

ଉତ୍ସବରେ ସିନିୟର ଜାତୀୟ ପଦକ ବିଜେତା ସୁଶ୍ରୀ ସଂଯୁକ୍ତା ବରାଳ, ସୀମା କୁମାରୀ ହାଁସଦା, ସନ୍ ତ୍ରିପାଠୀ, ଲିପିକା ପଲେଇ ଓ ସୂର୍ଯ୍ୟକାନ୍ତ ପତି, ଜୁନିୟର ଜାତୀୟ ପଦକ ବିଜେତା ମୋନିକା ପଲେଇ ଓ କ୍ୟାଡେଟ୍ ଜାତୀୟ ବିଜେତା ଅପର୍ଣ୍ଣା ସାହୁ, ଶୁଭମ୍ ମହାପାତ୍ର ଓ ପ୍ରୀୟାଂଶୁ ସ୍ୱାଇଁ, ସବ୍-ଜୁନିୟର ଜାତୀୟ ବିଜେତା ଡି. ଅର୍ପିତା ରେଡ୍ଡୀ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ଦିବ୍ୟା ସାହୁ ଓ ଆର୍. ସିଦ୍ଧାର୍ଥ ରେଡ୍ଡୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥି୍‌ଲା। ଏହାସହ ପୁରୀ ଜିଲ୍ଲାର ସମସ୍ତ ଟାଏକୋଣ୍ଡୋ ଏକାଡେମୀର କୋଚ୍‌ଙ୍କ ସହ ଟାଏକୋଣ୍ଡୋ କ୍ରୀଡ଼ାପ୍ରେମୀ ତଥା ଶୁଭଚିନ୍ତକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥି୍‌ଲା।

# ଦେଶୀ ଓ ବିଦେଶୀ ମଦ ଜବତ; ୪ ଗିରଫ

**ବେଗୁନିଆ,୨୪।୫(ସମିସ):** ବେଗୁନିଆ ଅବକାରୀ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୫୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ ଜାଗିନ ରାଓଙ୍କ ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଧଳାପଥର, ଗୁଡୁମ, ବାଘମାରୀ ଓ କାଠଖୁଣ୍ଟିଆ ଆଦି ଅଞ୍ଚଳରୁ ମଦ ଜବତ କରିବା ସହ ପ୍ରଫୁଲ୍ଲ କୁମାର ସାହୁ, ସୌମ୍ୟ ରଞ୍ଜନ ଛୁଆଳସିଂହ, ମଇନା ନାୟକ ଓ ଶ୍ରୀନିବାସ କହଲସିଂହ ପ୍ରମୁଖଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସ୍ୱାଧୀନ ପ୍ରାର୍ଥିନୀ ରୋଜାଲିନ୍‌ଙ୍କ ପ୍ରଚାର



**ଗୋପ,୨୪।୫(ସମିସ):** ନିର୍ବାଚନକୁ ଆଉ ଦିନ କେଇଟା ବାକିଥି୍‌ବାବେଳେ ଗୋପ ଅଞ୍ଚଳରେ ନିର୍ବାଚନୀ ପ୍ରଚାର ଜୋର୍ ଧରିବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ପ୍ରଚାରକୁ ଜୋର୍‌ଦାର୍ କରିଥି୍‌ବାବେଳେ ସ୍ୱାଧୀନ ପ୍ରାର୍ଥୀ ରୋଜାଲିନ ନାୟକ ପ୍ରଚାରକୁ ଜୋରଦାର କରିଛନ୍ତି। ଉଚ୍ଚ ଶିକ୍ଷିତା ରୋଜାଲିନ୍ ସମାଜସେବା କରିବା ଲାଗି ନନ୍ଦିଘୋଷ ଫାଉଣ୍ଡେସନ ଖୋଲିଥି୍‌ବାବେଳେ ସ୍ୱାଧୀନ ଭାବେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଶୁକ୍ରବାର ସେ ଗୋପ ବ୍ଲକ୍ ଅଧୀନ ନାଗପୁର ଓ ଏରବଙ୍ଗ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି।

# ନିମାପଡ଼ାରେ ବିଜେଡି ପ୍ରାର୍ଥୀ ଦିଲ୍ଲୀପଙ୍କ ଜୋର୍‌ଦାର୍ ପ୍ରଚାର





**ନିମାପଡ଼ା,୨୪।୫(ସମିସ):** ଆସନ୍ତା ଜୁନ୍ ୧ ତାରିଖରେ ହେବ ନିର୍ବାଚନ। ଏଥି୍‌ପାଇଁ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକ ପ୍ରଚାରରେ ସବୁଠୁ ଆଗରେ ଥି୍‌ବା ଦେଖି୍‌ବାକୁ ମିଳିଛି। ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧ନଂ ଜୋନ୍‌ରେ ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକ ବିଭିନ୍ନ ପଞ୍ଚାୟତର ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ଆଜି ଶ୍ରୀ ନାୟକ ଏହି ଜୋନ୍‌ର କଳାପାଞ୍ଚଣ, ଭୋଦର ଓ ଛଣିଜଙ୍ଗ ଆଦି ପଞ୍ଚାୟତର ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସଂପର୍କରେ ଭୋଟରମାନଙ୍କୁ ଅବଗତ କରାଇବା ସହିତ ଆସନ୍ତା ନିର୍ବାଚନରେ ଜଗତସିଂହପୁର ସାଂସଦ ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ ଓ ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଆଜିର ପ୍ରଚାର କାର୍ଯ୍ୟକ୍ରମରେ ୨୧ନଂ ଜିଲ୍ଲାପରିଷଦ ସଭ୍ୟା ସସ୍ମିତା ନାୟକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ନାୟକଙ୍କ ସମେତ ଶତାଧି୍‌କ ଦଳୀୟ କର୍ମୀ ଯୋଗ ଦେଇଥି୍‌ଲେ।



# ପ୍ରଚାରରେ କମ୍ପୁଛି ଚାରିଛକ ଅଞ୍ଚଳ

**ନୟାହାଟ,୨୪।୫(ସମିସ):** ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧ନଂ ଜୋନ୍‌ରେ ନିର୍ବାଚନ ପାଇଁ କମ୍ପୁଛି ପ୍ରଚାର ମଇଦାନ। ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ କର୍ମୀମାନଙ୍କ ଗହଣରେ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ତଥା ବିଭିନ୍ନ ଜନହିତକର କାର୍ଯ୍ୟ ସଂପର୍କରେ ଅବଗତ କରାଇ ଥି୍‌ଲେ। ଆଜି ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ନାୟକ କଳାପାଞ୍ଚଣ, ଭୋଦର, ତମ୍ପାଳ, ଛଣିଜଙ୍ଗ ପଞ୍ଚାୟତରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥି୍‌ଲେ। ଏହି କାର୍ଯ୍ୟକ୍ରମରେ ୨୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ନାୟକ, ବରିଷ୍ଠ ନେତୃତ୍ୱ ନିରଞ୍ଜନ ସାହୁ, ସିନେ ତାରକା ରିୟା ଦେ ଓ ଦୀପକ ଗାଁକୁ ଗାଁ ବୁଲି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥି୍‌ଲେ।

## ଆଜି ତୃତୀୟ ପର୍ଯ୍ୟାୟ ଭୋଟ୍

# ୯୫ ପ୍ରାର୍ଥୀ; ୧୯ ଲକ୍ଷ ଭୋଟର

**ଖୋର୍ଦ୍ଧା, ୨୪।୫(ସମିସ)**

ଚଳିତ ସାଧାରଣ ନିର୍ବାଚନକୁ ନେଇ ଭୋଟରଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ରହିଛି। ଚୂଡ଼ାନ୍ତ ପର୍ଯ୍ୟାୟରେ ନିର୍ବାଚନୀ ପ୍ରସ୍ତୁତି। ଶନିବାର ଭୁବନେଶ୍ୱର ଲୋକସଭା କ୍ଷେତ୍ର ଅଧୀନସ୍ଥ ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର (ଭୁବନେଶ୍ୱର), ଜୟଦେବ, ଜଟଣୀ, ବେଗୁନିଆ ଓ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ସମେତ ପୁରୀ ସଂସଦୀୟ କ୍ଷେତ୍ରର ଚିଲିକା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଭୋଟର ସେମାନଙ୍କ ବହୁମୂଲ୍ୟ ଭୋଟ ସାବ୍ୟସ୍ତ କରିବେ। ଏହିକ୍ରମରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ର ଅଧୀନ ବୁଥ୍‌ଗୁଡ଼ିକରେ କିପରି ସୁରୁଖୁରୁରେ ମତଦାନ ହେବ ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମତଦାନକୁ ଆଖି ଆଗରେ ଦେଖି କମିଶନରେଟ ପୁଲିସ ଓ ଜିଲ୍ଲା ପୁଲିସ ତରଫରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଜି ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ।

ଜିଲ୍ଲାରେ ମୋଟ ୮ଟି ନିର୍ବାଚନମଣ୍ଡଳୀରେ ୧୯ ଲକ୍ଷ ୬ ହଜାର ୫୧୮ ଜଣ ଭୋଟରଙ୍କ ମଧ୍ୟରେ ୯ ଲକ୍ଷ ୯୦ ହଜାର ୭୩୪ ଜଣ ପୁରୁଷ, ୯ ଲକ୍ଷ ୧୫ ହଜାର ୨୦୫ ଜଣ ମହିଳା ଏବଂ ୫୭୯ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୮-୧୯ ବର୍ଷ ବୟସର ୪୨ ହଜାର ୧୦୦ ଯୁବ ଭୋଟର ଥିବାବେଳେ ୩୨ ହଜାର ୫୭ ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି। ଏମାନେ ଆଗାମୀ ଦିନରେ ଏଠାକାର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଚଳିତ ନିର୍ବାଚନ ନିମନ୍ତେ ମୋଟ ୯୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏବଂ ଭୁବନେଶ୍ୱର ଲୋକସଭା ପାଇଁ ୧୨ଜଣ ପ୍ରାର୍ଥୀ ରହିଛନ୍ତି। ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ମଇଦାନକୁ ଓହ୍ଲାଇଛନ୍ତି। ଭୋଟର ସେମାନଙ୍କ ବହୁମୂଲ୍ୟ ମତଦାନ କରି କାହାକୁ ନେତା ରୂପେ ବାଛିବେ ତାହା ସମୟ ହିଁ କହିବ।

ଜିଲ୍ଲାର ୧୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍, ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ୮ଟି ଏବଂ ଯୁବ






କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ୪୦ଟି ବୁଥ୍ ରହିଛି। ଏଥି ମଧ୍ୟରେ ୨୭ଟି ସମ୍ବେଦନଶୀଳ ଓ ୩୦୬ଟି ଅତିସମ୍ବେଦନଶୀଳ ବୁଥ୍ ରହିଛି। ଏଥିସହ ୭ଟି ଇକୋ-ଫ୍ରେଣ୍ଡଲି ଏବଂ ୩୮୪ଟି ଆଦର୍ଶ ମତଦାନ କେନ୍ଦ୍ର ରହିଛି। ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ଭିଡିଓ ଗ୍ରାଫି, ସିସିଟିଭି ଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୁବନେଶ୍ୱର (ମଧ୍ୟ) ନିର୍ବାଚନ ମଣ୍ଡଳୀର ସମସ୍ତ ୨୦୦ଟି ମତଦାନ କେନ୍ଦ୍ର କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ପ୍ରତ୍ୟେକ ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ହ୍ୱିଲ୍ ଚେୟାର ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ମୁତୟନ ହୋଇଛନ୍ତି। ପ୍ରତ୍ୟେକ ବୁଥ୍‌ରେ ସହାୟତା ନିମନ୍ତେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ଭୋଟରମାନେ ସେମାନଙ୍କର ମତଦାନ କେନ୍ଦ୍ର ଜାଣିବା ନିମନ୍ତେ ଭୋଟର ସୂଚନା ପତ୍ର ଦିଆଯାଇଛି ବୋଲି ଜିଲ୍ଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି।

## ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

୧୯୨୩ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି ପୁଲିଂ ଓ ପ୍ରିଜାଇଡିଂ ଅଫିସର। ମତଦାନକୁ ଅବାଧ ମୁକ୍ତ କରିବାକୁ ପ୍ରୟାସ କରାଯାଇଛି। ବିଭିନ୍ନ ସ୍ଥାନରେ ପ୍ରଶାସନର ଭିନ୍ନ ଭିନ୍ନ ଟିମ୍ ନିୟୋଜିତ ରହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତନ୍ମଧ୍ୟରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ୮ ଜଣ, ଭୁବନେଶ୍ୱର (ମଧ୍ୟ)ରେ ୧୩ ଜଣ, ଭୁବନେଶ୍ୱର (ଉତ୍ତର)ରେ ୧୨ ଜଣ, ଏକାମ୍ରରେ ୧୨ ଜଣ, ଜଟଣୀରେ ୯ ଜଣ, ବେଗୁନିଆରେ ୧୧ ଜଣ, ଚିଲିକାରେ ୧୦ ଜଣ, ଖୋର୍ଦ୍ଧାରେ ୮ ଜଣ

## ଭୋଟ ଦେବେ ୪୨ ହଜାର ନୂଆ ଭୋଟର

**ଖୋର୍ଦ୍ଧା, ୨୪।୫(ସମିସ)**

**ଭୋଟଦାନ ପାଇଁ ବଢୁଛି ଉତ୍ସାହ**

ତୃତୀୟ ପର୍ଯ୍ୟାୟ ପାଇଁ ମତଦାନ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଆଜି (ଶନିବାର) ମତଦାନ କରିବାକୁ ନୂଆ ଭୋଟରଙ୍କ ମଧ୍ୟରେ ଉତ୍ସାହ ଭରିରହିଛି। ଜିଲ୍ଲା ବ୍ୟାପୀ ୮ ବିଧାନସଭା କ୍ଷେତ୍ରର ସମୁଦାୟ ୧୯୨୩ ବୁଥ୍‌ରେ ହେବ ମତଦାନ। ସବୁ ପ୍ରାର୍ଥୀଙ୍କ ଫୋକସରେ ନୂଆ ଭୋଟର ସମେତ ମହିଳା ଭୋଟର ଥିବା ଜଣାଯାଇଛି। ଜିଲ୍ଲାରେ ସମୁଦାୟ ୧୯ ଲକ୍ଷ ୬ହଜାର ୫୧୮ଭୋଟର ଥିବାବେଳେ ଚଳିତ ବର୍ଷ ୪୨୧୦୦ଜଣ ନୂଆ ମତଦାତା (୧୮-୧୯ବର୍ଷ) ପ୍ରଥମ ଥର ଭୋଟ ଦେବା ଜଣାଯାଇଛି। ତନ୍ମଧ୍ୟରେ ୨୨୪୪୪ ଯୁବକ ଓ ୧୯୬୪୨ ଜଣ ଯୁବତୀ ଭୋଟର ଏବଂ ୧୪ ଜଣ ତୃତୀୟ ଲିଙ୍ଗୀ ନୂଆ ଭୋଟର ରହିଥିବା ଜଣାଯାଇଛି।

ଭୋଟରଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ଦେଖାଯାଇଛି। ୫ ବର୍ଷରେ ଥରେ ଗଣତନ୍ତ୍ରର ଏ ମହାପର୍ବରେ ସାମିଲ ହେବା ସୁଯୋଗ ମିଳିଥାଏ। ତେଣୁ ଏହାକୁ ହାତଛଡ଼ା କରିବା ଉଚିତ୍ ନୁହେଁ ବୋଲି କିଛି ନୂତନ ଭୋଟର ମତବ୍ୟକ୍ତ କରିଛନ୍ତି। ତେବେ ଗଣତନ୍ତ୍ର ପର୍ବରେ ସାମିଲ ହେବାକୁ ନୂଆ ଭୋଟର ଉତ୍ସାହର ସହିତ ଅନାଇ ବସିଛନ୍ତି। ସେହିପରି ଜିଲ୍ଲାବ୍ୟାପୀ ୮ଟି ନିର୍ବାଚନ ମଣ୍ଡଳୀରେ ୯୧୫୨୦୫ ମହିଳା ଭୋଟର ଅଛନ୍ତି। ଏହା ମଧ୍ୟରେ ସବୁ ଦଳୀୟ ପ୍ରାର୍ଥୀଙ୍କ ଫୋକସରେ ମୁଖ୍ୟତଃ ନୂଆ ଓ ମହିଳା ଭୋଟର ଥିବା ଦେଖାଯାଇଛି।

## ଚିଲିକାରେ ମତଦାନ କେନ୍ଦ୍ର ପ୍ରସ୍ତୁତ

**ବାଲୁଗାଁ, ୨୪।୫(ସମିସ):** ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ନିର୍ବାଚନ ମଣ୍ଡଳୀରେ ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ୨୫ ତାରିଖ ଶନିବାର ମତଦାନ ଅନୁଷ୍ଠିତ ହେବ। ଶୁକ୍ରବାର ପୋଲିଂ ପାର୍ଟିର କର୍ମକର୍ତ୍ତାଙ୍କୁ ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟରୁ ଭୋଟ ଗ୍ରହଣ ନିମନ୍ତେ ଇଭିଏମ ମେସିନ, ଭିଭିପାଟ ମେସିନ ସହ ବିଭିନ୍ନ ଆନୁଷଙ୍ଗିକ କାଗଜପତ୍ର ପ୍ରଦାନ କରାଯାଇ ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ୨୪୪ଟି ମତଦାନ କେନ୍ଦ୍ରରେ ସୁରକ୍ଷିତ ଭାବେ ପହଞ୍ଚାଇ ଦିଆଯାଇଛି। ଚିଲିକା ନିର୍ବାଚନ ମଣ୍ଡଳୀର ୨୪୪ ଗୋଟି ବୁଥ୍ ମଧ୍ୟରୁ ୩୧ଟି ସଖୀ ବୁଥ୍‌ରେ ମୋଟ ୨ ଲକ୍ଷ ୩୩ ହଜାର ୭୪୪ ଜଣ ଭୋଟର ମତଦାନ କରି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ତନ୍ମଧ୍ୟରୁ ପୁରୁଷ ଭୋଟର ୧ ଲକ୍ଷ ୨୧ ହଜାର ୯୨୧ ଜଣ ହୋଇଥିବା ବେଳ ମହିଳା ଭୋଟର ୧ ଲକ୍ଷ ୧୧ ହଜାର ୮୧୪ ଜଣ ଏବଂ ତୃତୀୟ ଲିଙ୍ଗୀ ଭୋଟର ୯ ଜଣ ଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ବିଭିନ୍ନ ଉତ୍ତେଜନା ପ୍ରବଣ ମତଦାନ କେନ୍ଦ୍ର ମଧ୍ୟରୁ ବାଲୁଗାଁ ଥାନା ଅନ୍ତର୍ଗତ ୭ଟି କେନ୍ଦ୍ରର ୧୩ଟି ବୁଥ୍‌କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉକ୍ତ ବୁଥ୍‌ଗୁଡ଼ିକ ଉପରେ ପୁଲିସ ତୀକ୍ଷ୍ଣ ନଜର ରଖିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ପ୍ରଶାସନ ପକ୍ଷରୁ ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯିବା ସହ ଭୋଟର ମାନେ ଶାନ୍ତି ଶୃଙ୍ଖଳାର ସହ ମତଦାନ କରିବା ପାଇଁ ସଚେତନ କରିଛନ୍ତି। ନିର୍ବାଚନ ପରିଚାଳନା ପାଇଁ ଚିଲିକା ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଛନ୍ତି।

## 'ସମାଜକୁ ପରିବର୍ତ୍ତନ କରିବାକୁ ସହାୟକ ହୋଇଥାଏ ଭାଗବତ'



**ବେଗୁନିଆ, ୨୪।୫(ସମିସ):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମସ୍ଥିତ ଭଗବତ ବାସୁଦେବଙ୍କ ପୀଠରେ ଦୁଇ ଦିନ ଧରି ଚାଲିଥିବା ଶ୍ରୀମଦ ଭାଗବତ ସଭା ଉଦ୍‌ଯାପିତ ହୋଇଛି। ଗୁରୁବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଭଗବତପ୍ରେମୀ ଧନେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହର୍ଷି ବ୍ୟାସଙ୍କ ଦ୍ୱାରା ରଚିତ ସଂସ୍କୃତ ଭାଗବତର ଏକାଦଶ ସ୍କନ୍ଧ ଦ୍ୱାଦଶ ଅଧ୍ୟାୟର ସତ୍‌ସଙ୍ଗ ମହିମା ଓ ଦୀନକୃଷ୍ଣ ମିଶ୍ର ଖାଡଙ୍ଗାଙ୍କ ରଚିତ ନବାକ୍ଷରୀ ଭାଗବତ ପୁରାଣ ପାଠ ସହ ବିଦ୍ୱାନ ଉପସ୍ଥିତ ରହି ଭାଗବତ ସମାଜକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ଦିନ ପୂର୍ବାହ୍ନରେ ବରିଷ୍ଠ ଶିକ୍ଷାବିତ୍ ଲୋକନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭାଗବତର ଚତୁର୍ଦ୍ଦଶ ଅଧ୍ୟାୟର ଭକ୍ତିଯୋଗର ମହିମା ସମ୍ପର୍କରେ ପଣ୍ଡିତ ଡଃ. ଅଖିଳେଶ ପ୍ରସାଦ ପଣ୍ଡା, ତପନ ପଣ୍ଡା, ଗୋପୀନାଥ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା ଓ ପବିତ୍ର କୁମାର ପୃଷ୍ଟି ପାଠକ ରୂପେ ସହଯୋଗ କରିଥିବା ବେଳେ ସୀତାକାନ୍ତ ପାଣିଗ୍ରାହୀ, ଗୌରହରି ପଣ୍ଡା, ଗୋକୁଳ ଚନ୍ଦ୍ର ତ୍ରିପାଠୀ, ବାନାମ୍ବର ପଣ୍ଡା ଓ ବିଜୟ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଭାଗବତ ପ୍ରେମୀ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଜୈବ ବିବିଧତା ସୁରକ୍ଷା ଓ ମହିଳାଙ୍କ ଭୂମିକା' ସଚେତନତା

**ବାଣପୁର, ୨୪।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ତାଲୁକ ଆଇନ ସେବା କମିଟି ଓ ବାଣପୁର ଏକତା ପରିଷଦ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଧାରପୁର ଛକ ସ୍ଥିତ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ଜୈବ ବିବିଧତା ସୁରକ୍ଷା ଓ ମହିଳାଙ୍କ ଭୂମିକା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ବାଣପୁର ବିଚାର ବିଭାଗୀୟ ଅଦାଲତ ର ସବ୍ ଜଜ ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏକତା ପରିଷଦ ଟ୍ରଷ୍ଟର ମୁଖ୍ୟ ସନ୍ଧ୍ୟା ଦେବୀ, ଆଇନଜୀବୀ ପ୍ରଦୀପ ପ୍ରଧାନ, ଜଗଦୀଶ ପଟ୍ଟନାୟକ, ପତ୍ରକାର ନୃସିଂହ ଚରଣ ମିଶ୍ର ଓ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପର ମୁଖ୍ୟ ଗୋଲଖ ପରିଡ଼ା ପ୍ରମୁଖ ଯୋଗ ଦେଇ ବର୍ତ୍ତମାନ ପରିବେଶ ରେ ଜୈବ ବିବିଧତାର କିପରି ସୁରକ୍ଷା କରା ଯାଇ ପାରିବ ଓ ଆଜିର ସମାଜରେ ନାରୀକୁ କିଭଳି ସମ୍ମାନ ମିଳିବ ଏବଂ ନାରୀମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ ଆଇନ ସୁରକ୍ଷା ବ୍ୟବସ୍ଥା ସହ ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରି ଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ସାମିଲ ହୋଇ ଥିବା ବେଳେ ଶେଷରେ ଆର୍ଟ ଶିକ୍ଷକ ତ୍ରିଲୋଚନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




### ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ବଦନାମ କରିବାକୁ ହୀନ ଚକ୍ରାନ୍ତ

## ବିଜେପି ଟୋପି ପିନ୍ଧା ୩ ଯୁବକ ଅଟକ; କାର୍ ଜବତ



**ବାଣପୁର, ୨୪।୫(ସମିସ)**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ପୁରୀ ଲୋକସଭା କ୍ଷେତ୍ର ଓ ଚିଲିକା ବିଧାନସଭା କ୍ଷେତ୍ରରେ ଶନିବାର ମତଦାନ ହେବାକୁ ଥିବା ବେଳେ ଦଳୀୟ ପ୍ରଚାର ପ୍ରସାର ଶେଷ ହୋଇ ଆଚରଣବିଧି ଲାଗୁ ରହିଛି। ତେବେ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଶୁକ୍ରବାର ମଧ୍ୟାହ୍ନ ସମୟରେ ବାଣପୁର ଥାନା ଅଞ୍ଚଳରେ ବିଜେପି ଦଳର ଏକ ହୀନ ରାଜନୀତି ପଦାରେ ପଡ଼ିଛି। ପଶ୍ଚିମବଙ୍ଗ ନମ୍ବର ଥିବା ଏକ କାର୍‌ରେ ତିନି ଜଣ ବ୍ୟକ୍ତି ମୁଣ୍ଡରେ ବିଜେପି ଦଳର ଟୋପି ପିନ୍ଧି କାର୍ ଭିତରେ ଚିଲିକାର ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁଙ୍କ ବିରୋଧରେ ଲେଖାଥିବା ହଜାର ହଜାର ସଂଖ୍ୟାରେ ଲିଫଲେଟ ଏବଂ ଟଙ୍କା ନାଟୁଣୀ ଆଡୁ ରାସ୍ତା ସାରା ବାଣ୍ଟି ବାଣ୍ଟି ଗମ୍ଭାରିମୁଣ୍ଡା ରାସ୍ତା ଦେଇ ବାଣପୁର ଅଭିମୁଖେ ଆସୁଥିବାର କିଛି ସ୍ଥାନୀୟ ଲୋକେ ଦେଖି ବିଜେଡି କର୍ମକର୍ତ୍ତାଙ୍କୁ ଖବର ଦେଇଥିଲେ। ବିଜେଡି କର୍ମକର୍ତ୍ତା ବାଣପୁର ହନୁଆଡ ଛକ ନିକଟରେ ଜଗି ରହିଥିଲେ। ଉକ୍ତ କାର୍‌ଟି ସେହି ରାସ୍ତା ଦେଇ ଗଲା ବେଳେ ଲୋକେ କାର୍‌କୁ ଅଟକାଇବାରେ ଡ୍ରାଇଭର ଭୟରେ ରାସ୍ତାକଡ଼ରେ ଥିବା ଏକ ପଥରକୁ ଧକ୍କା ଦେଇଥିଲା। ଲୋକେ କାର୍ ଭିତର ଦେଖିଲା ବେଳକୁ ଭିତରେ ହଜାର ହଜାର ଲିଫଲେଟ ପଡ଼ିଥିବା ସହ ବିଜେପି ଟୋପି ପିନ୍ଧି ବସିଥିବା ତିନି ଜଣ ବ୍ୟକ୍ତି ଦୌଡ଼ି ପଳେଇବାକୁ ଚେଷ୍ଟା କରିଥିଲେ। ତେବେ ଲୋକେ ସେମାନଙ୍କୁ କାବୁ କରି ନେଇଥିଲେ। ଏ ସମ୍ପର୍କରେ ବାଣପୁର ପୁଲିସକୁ ସୂଚନା ଦେବାରେ ଥାନା ଅଧିକାରୀ ରମେଶ କୁମାର ଦେବତା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଜବତ କରିବା ସହ ଉକ୍ତ ତିନି ଜଣ ବ୍ୟକ୍ତିଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ତେବେ ଏହି ଘଟଣା ବିଜେପିର ହୀନ ରାଜନୀତିକୁ ପଦାରେ ପକାଇ ଦେଇଛି। ବିଜେପି ଦଳ ହାରିବା ଭୟରେ ଏଭଳି ହୀନ ଚକ୍ରାନ୍ତ ଚଳାଇଥିବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।



## ଓଡ଼ିଶୀ ସଂକୀର୍ତ୍ତନ ବାୟକଙ୍କ ବିୟୋଗରେ ଶୋକ

**ବେଗୁନିଆ, ୨୪।୫(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ଓଡ଼ିଶୀ ସଂକୀର୍ତ୍ତନ ବାୟକ ପ୍ରସନ୍ନ କୁମାର ପଣ୍ଡାଙ୍କ (୭୫) ପରଲୋକ ଘଟିଛି। ସେ ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ମୃଦଙ୍ଗ ବାଦନ କରି ସୁନାମ ଅର୍ଜନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ପ୍ରଦୀପ ଓ ପ୍ରତାପଙ୍କ ସହ ବୋହୂ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଆଧ୍ୟାତ୍ମିକ ଜଗତରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

